# ସଂସ୍କୃତି ବିହାର - ମୋ ସ୍ମୃତି ଓ ଅନୁଭୂତିରେ

• ଆଶୁତୋଷ ସ୍ୱାଇଁ

ଗଲାକାଲି ପରି ମନେ ହେଉଛି । ୧୯୮୨ ମସିହା ବେଳର କଥା । ମୁଁ ବସବାସ କରୁଥିବା କାଜୀବଜାର ଅଞ୍ଚଳର କିଛି ଶିକ୍ଷିତ ଯୁବକ ଦିନେ ସକାଳେ ମୋ ପାଖକୁ ଆସି ପହଞ୍ଚିଲେ, ଅନୁରୋଧ କଲେ ସେମାନଙ୍କ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ବିହାର'ର ସଭାପତି ପଦ ଗ୍ରହଣ କରିବା ପାଇଁ । 'ସଂସ୍କୃତି ବିହାର' ମୁଁ ଜାଣିବାରେ ସେତେବେଳେ କଟକ ସହରର ଏକ ଅତି ଜଣାଶୁଣା ନାମଜାଦା ଅନୁଷ୍ଠାନ, ବହୁ ଉଚ୍ଚଶିକ୍ଷିତ ଯୁବକଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ଦୁଇ ପାରମ୍ପରିକ ପର୍ବ ଯଥା 'ରଜ ଉତ୍ସବ' ଓ ବାଲିଯାତ୍ରା ସମୟରେ 'କାର୍ତ୍ତିକ ଉତ୍ସବ' ପାଳନ ଅବସରରେ ନୃତ୍ୟ ଗୀତ ଗୀତିନାଟ୍ୟ ପରିବେଷଣ କରି ବେଶ୍ ସୁନାମ ଅର୍ଜନ କରିଥିବା ଅନୁଷ୍ଠାନଟିଏ । ସେମାନଙ୍କ ପ୍ରସ୍ତାବକୁ ମୁଁ ସାଦରେ ଗ୍ରହଣ କରି 'ହଁ' ଭରିଲା ଓ ସେହିଦିନ ଠାରୁ 'ସଂସ୍କୃତି ବିହାର' ସହିତ ଏକ ଅଚ୍ଛେଦ୍ୟ ବନ୍ଧନରେ ବାନ୍ଧି ହୋଇଗଲି ।

ଏହାର ପରବର୍ତ୍ତୀ କାଳର ଅନୁଭୂତି ମୋ ପାଇଁ ଅତ୍ୟନ୍ତ ନିଆରା । ବାରବାଟୀ ଦୁର୍ଗର 'ବିରାଟ ପ୍ରେକ୍ଷା'ରେ 'ସଂସ୍କୃତି ବିହାର'ର ଅପେଷାଦାର ଅଥଚ କୁଶଳୀ କଳାକାରମାନେ ବର୍ଷବର୍ଷ ଧରି ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ଏକ ନୂତନ ଶୈଳୀରେ ଉପସ୍ଥାପନ କରି ଓଡ଼ିଶାର ଲୋକନାଟ୍ୟ ପରମ୍ପରାକୁ ଜନମାନସରେ ଉଜ୍ଜୀବିତ କରାଇ ପାରିଛନ୍ତି । କଳାପ୍ରେମୀ ଦର୍ଶକ ବାଲିଯାତ୍ରା ସମୟର ସେହି ଦିନଟିକୁ ଅପେକ୍ଷା କରିଥାନ୍ତି ଯେଉଁଦିନ 'ସଂସ୍କୃତି ବିହାର'ର ଶିଳ୍ପୀମାନଙ୍କ ଦ୍ୱାରା ଗୀତିନାଟ୍ୟ ଅଭିନୀତ ହେବାକୁ ଥାଏ । ହଜାର ହଜାର ଦର୍ଶକ ବାଲିଯାତ୍ରା ପଡ଼ିଆ ନିକଟ ଗଡ଼ଖାଇ ଜଳାଧାର ପାର୍ଶ୍ୱସ୍ଥ ପଡ଼ିଆକୁ ଭରି ଦିଅନ୍ତି ସଂଧ୍ୟାବେଳୁ ଓ ଗଭୀର ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଗୀତିନାଟ୍ୟ ଆରମ୍ଭର ମୁହୂର୍ତ୍ତକୁ । ଓଡ଼ିଶାର ତତ୍‌କାଳୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅନେକଥର ଆସି ସେହି ଗୀତିନାଟ୍ୟକୁ ଉପଭୋଗ କରନ୍ତି । ସେ ସବୁ ମୂହୁର୍ତ୍ତର ସ୍ମୃତି ଆମ ସମସ୍ତଙ୍କ ପାଇଁ ଚିରଦିନ ଅମଳିନ ହୋଇ ରହିବ । ଏପରି ଏକ ସୁସଂଗଠିତ ସାଂସ୍କୃତିକ ଅନୁଷ୍ଠାନ ଯାହାକି ଦୀର୍ଘ ପଚାଶ ବର୍ଷକାଳ ଓଡ଼ିଶାର ଲୋକ ସଂସ୍କୃତି ଓ ନାଟ୍ୟ ପରମ୍ପରାକୁ ବଞ୍ଚାଇ ରଖିବାରେ ତାର ନିରଳସ ପ୍ରୟାସ ଜାରି ରଖିଛି, 'ତା'ର ଦୀର୍ଘ ଜୀବନ କାମନା କରି ଓ ତା'ର ସମସ୍ତ ସଭ୍ୟ ତଥା କର୍ମକର୍ତ୍ତାଙ୍କୁ ଏହି ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

*କାଜୀ ବଜାର, କଟକ - ୧*